# REGIONAL NEWS UNIT, AIR CUTTACK

**Morning Bulletin (7.05 AM)**

**12 September – 2025**

---

# ମୁଖ୍ୟମନ୍ତ୍ରୀ-ନଦୀତଟ ବିକାଶ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହାନଦୀ ନଦୀତଟ ବିକାଶ ଯୋଜନାକୁ ମଞ୍ଜୁରୀ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ମହାନଦୀ ଓଡ଼ିଶାର ଜୀବନରେଖା । ମହାନଦୀର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ପରିବେଶ, ସାଂସ୍କୃତିକ ତଥା ଆଧ୍ୟାତ୍ମିକ ପର୍ଯ୍ୟଟନର ପ୍ରମୁଖ କେନ୍ଦ୍ରରେ ପରିଣତ କରାଯିବ । ଏହି ପର୍ଯ୍ୟଟନସ୍ଥଳୀଗୁଡ଼ିକ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ। ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ...

ମହାନଦୀ ତଟ ବିକାଶ ଯୋଜନାରେ ସମ୍ବଲପୁରର ମନ୍ଦଲିଆ ଚାଓଁପୁର ପର୍ଯ୍ୟନ୍ତ ମହାନଦୀ କୂଳର ବିକାଶ ହେବ । ଏହାସହ ଭୁବନେଶ୍ୱର ପାଣ୍ଡରା ନିକଟ କୁଆଖାଇ ଓ କୁଶଭଦ୍ରା ନଦୀ ତଟର ଉନ୍ନତୀକରଣ କାର୍ଯ୍ୟ କରାଯିବ । ଏଥିପାଇଁ ୨୪୦ କୋଟି ଟଙ୍କା ଖର୍ଚ୍ଚ ହେବ । ନଦୀତଟ ଉନ୍ନତିକରଣରେ ପର୍ଯ୍ୟଟକଙ୍କୁ ସାମାଜିକ, ସାଂସ୍କୃତି ସୁବିଧା ଯୋଗାଇ ଦେବା ସହ ଜଳକ୍ରୀଡ଼ା ମନୋରଞ୍ଜନ ପାର୍କ, ହର୍ବାଲ ଉଦ୍ୟାନ, ନଦୀ ସଂରଚନାର ନିୟନ୍ତ୍ରଣ ଆଦିର ବ୍ୟବସ୍ଥା ରହିବ ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ଚନ୍ଦନ ଘୋଷ ।

## ମନ୍ତ୍ରୀଙ୍କ ସମୀକ୍ଷା

ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଓ ପୂର୍ବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପୁରୀ ଜିଲ୍ଲାର ବିକାଶ ପାଇଁ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କରିଛନ୍ତି । ବୈଠକରେ ଶ୍ରୀଗୁଣ୍ଡିଚା ମନ୍ଦିରର ପାରିପାର୍ଶ୍ୱିକ ବିକାଶ, ପ୍ରମୋଦ ଉଦ୍ୟାନର ଉନ୍ନତୀକରଣ, ସେବାୟତ ହାଉସିଂ ପ୍ରକଳ୍ପ, ବିଶ୍ୱସ୍ତରୀୟ ରଘୁନନନ୍ଦନ ପାଠାଗାର ଆଦି ପ୍ରକଳ୍ପର କାର୍ଯ୍ୟକାରୀତା ନେଇ ଆଲୋଚନା ହୋଇଛି । ପୁରୀ ସହରକୁ ସରସ ଓ ସୁନ୍ଦର କରି ଗଢ଼ି ତୋଳିବା ପାଇଁ ସବୁସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି ।

## ଉପମୁଖ୍ୟମନ୍ତ୍ରୀଙ୍କ ତାରିଣୀ ଦର୍ଶନ

ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଆଜି କେନ୍ଦୁଝର ଜିଲ୍ଲା ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ଶ୍ରୀମତୀ ପରିଡ଼ା ଏହି ଅବସରରେ ମା' ଘଟଗାଁ ତାରିଣୀ ପୀଠ ପରିଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି ।

## ଆଇନ୍‌ମନ୍ତ୍ରୀ ଅଧ୍ୟକ୍ଷତାରେ ବୈଠକ

ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ନୂତନ ନୋଟାରୀଙ୍କ ନିଯୁକ୍ତି ଏବଂ ଅନ୍‌ଲାଇନ୍‌ରେ ନୋଟାରୀ ଏବଂ ଆଇନ୍‌ଜୀବୀଙ୍କ ତଥ୍ୟ

ପ୍ରସ୍ତୁତ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରୁ ମିଳିଥିବା ସୂଚନା ଅନୁସାରେ ଏଥିପାଇଁ ଏକ ୱେବ ପୋର୍ଟାଲ ଜରିଆରେ ନୋଟାରୀ ଓ ଆଇନ୍‌ଜୀବୀଙ୍କ ପଞ୍ଜିକରଣ କରାଯିବ । ଏଥିସହ ଏକ ମୋବାଇଲ ଆପ୍ ପ୍ରସ୍ତୁତ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

## ମନୋଜ ଆହୁଜାଙ୍କ ନିର୍ଦ୍ଦେଶ

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଦୁର୍ନୀତିର ନିରାକରଣ ଦିଗରେ ପଦକ୍ଷେପ ନେବାପାଇଁ ସମସ୍ତ ବିଭାଗର ସଚିବ ଓ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଦୁର୍ନୀତିର ମୂଳ କାରଣ ଖୋଜିବା ସହ ପ୍ରଶାସନିକ, ଆଇନ୍‌ଗତ ଓ ସାମାଜିକ ପଦକ୍ଷେପ ମାଧ୍ୟରେ ଏହାର ପ୍ରତିକାର କରାଯିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ଆହୁଜା ପତ୍ର ମାଧ୍ୟମରେ ଉଲ୍ଲେଖ କରିଛନ୍ତି ।

## ଶ୍ରୀମନ୍ଦିର-ବଡି କ୍ୟାମେରା

ପୁରୀ ଶ୍ରୀମନ୍ଦିରର ସୁରକ୍ଷା କଡାକଡି କରାଯିବା ସହ ଶ୍ରୀମନ୍ଦିରରେ ମୁତୟନ ପୁଲିସ କର୍ମଚାରୀଙ୍କ ପାଇଁ ବଡି କ୍ୟାମେରା ବ୍ୟବସ୍ଥା କରାଯାଇଛି । ମନ୍ଦିର ପରିସରରେ ପ୍ରବେଶ କରୁଥିବା ସନ୍ଦିଗ୍ଧ ବ୍ୟକ୍ତିମାନଙ୍କ ଉପରେ ନଜର ରଖିବାରେ ଏହା ସହାୟକ ହେବ ବୋଲି ଏସ୍‌ପି ପ୍ରତୀକ ସିଂହ କହିଛନ୍ତି ।

**V/O**

# ଜିଏସ୍‌ଟି

ଜିଏସ୍‌ଟି ପରିଷଦ ବୈଠକରେ ଅନେକ ସଂସ୍କାର ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ଜିଏସ୍‌ଟି ସଂସ୍କାରକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଉଛି । ନୂତନ ପଦକ୍ଷେପ ଦ୍ୱାରା ଦୁର୍ବଳ, ନିମ୍ନମଧ୍ୟବିତ୍ତ ଏବଂ ସବୁବର୍ଗର ଲୋକ ଉପକୃତ ହୋଇପାରିବେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି । ଏ ସମ୍ପର୍କରେ ଅର୍ଥନୀତି ବିଶେଷଜ୍ଞ ପ୍ରଶାନ୍ତ ସାହୁ କହିଛନ୍ତି...

**V/O**

# ସମୀକ୍ଷା ବୈଠକ

ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ବିଶ୍ୱବ୍ୟାଙ୍କ ପାଣ୍ଠି ସହାୟତାରେ ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା କ୍ଷମତା ଏବଂ ସ୍ଥିର ଅଭିବୃଦ୍ଧି ନୀତି କାର୍ଯ୍ୟକ୍ରମ ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟ ପରିସଂଖ୍ୟାନ ପ୍ରଣାଳୀ ଉପାଦାନକୁ ସୁଦୃଢ଼ କରିବା ଦିଗରେ ୨୦୨୫-୨୬ ବର୍ଷରେ ଜାରି ରହିଥିବା କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରାଯାଇଥିଲା । ଉନ୍ନୟନ କମିଶନର ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ବିତ୍ତୀୟ ସହାୟତା ପାଇଁ

ଧାର୍ଯ୍ୟ କରାଯାଇଥିବା ସୂଚକାଙ୍କ ଗୁଡ଼ିକର ଲକ୍ଷ୍ୟ ହାସଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

## ବୈଦେଶିକ ମନ୍ତ୍ରଣାଳୟ-ପରିଦର୍ଶନ

ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀସ୍ଥିତ ସୁଷମା ସ୍ୱରାଜ ବୈଦେଶିକ ସେବା ସଂସ୍ଥାନର ୪୦ଜଣିଆ ପ୍ରତିନିଧି ଦଳ ଆଜି ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି । ତିନିଦିନ ଧରି ଏହି ପ୍ରତିନିଧି ଦଳ ରାଜ୍ୟର ବିଭିନ୍ନ ଅଞ୍ଚଳ ତଥା ପର୍ଯ୍ୟଟନସ୍ଥଳୀ ପରିଦର୍ଶନ କରିବେ ବୋଲି ଜଣାପଡିଛି ।

## ବର୍ତ୍ତମାନ ଖବର ସଂକ୍ଷେପରେ

ନୂଆପଡା ଜିଲ୍ଲାରେ ଅନୁଷ୍ଠିତ ଓଡ଼ିଶା ଜୀବିକା ମିଶନର ମାସିକ ସମୀକ୍ଷା ବୈଠକରୁ ଅଗଷ୍ଟ ମାସ ସୁଦ୍ଧା ୧୬ହଜାର ୫୧୧ଜଣ ଲକ୍ଷପତି ଦିଦି ସୃଷ୍ଟି ହୋଇଥିବା ଜଣାପଡିଛି । ଜିଲ୍ଲାରେ ବର୍ତ୍ତମାନ ୮ହଜାର ୯୪୨ଟି ସ୍ୱୟଂସହାୟକ ଗୋଷ୍ଠୀ କାର୍ଯ୍ୟ କରୁଛନ୍ତି ।

ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ତାଳପଦା ଗ୍ରାମରେ ରାଣୀତାଲ କୃଷିବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ସଞ୍ଜୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ କୃଷକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।

କନ୍ଧମାଳ ଜିଲ୍ଲା ଫୁଲବାଣୀ ଷ୍ଟାଡିୟମରେ ବିଧାୟକ ଉମାଚରଣ ମଲ୍ଲିକ ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ଓ ଚୟନ ପ୍ରତିଯୋଗିତାକୁ ଉଦ୍‌ଘାଟନ କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖେଳୁଆଡ ମନୋଭାବକୁ ପ୍ରଶଂସା କରିଛନ୍ତି ।

## ପାଣିପାଗ

ଘୂର୍ଣ୍ଣିବଳୟର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଘଡଘଡି ସହ ବର୍ଷା ହେବା ନେଇ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।